# ଇସ୍ତାହାର ଜନତାର

କବି ରଘୁନାଥ ଦାସ

ଧର୍ମକ୍ଷେତ୍ରେ  କୁରୁକ୍ଷେତ୍ରେ ବାଜେ ବାଜେ

ଯୁଦ୍ଧଂ ଦେହି ଶଙ୍ଖ-

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ

ଦୁଃଶାର କଳଙ୍କ ।

ପଶା କାଠି    କଥା କହ ।

ପ୍ରବଞ୍ଚନା    କଥା କହ ।

ବିବସନ    କଥା କହ ।

ନିର୍ବାସନ    କଥା କହ ।

ଜତୁଗୃହ    କଥା କହ ।

ଇନ୍ଦ୍ରପ୍ରସ୍ଥ    କଥା କହ ।

ଏକଛତ୍ର    କଥା କହ ।

ମୁଖ ବନ୍ଦ    କଥା କହ ।

ଛାପା ବନ୍ଦ    କଥା କହ ।

ସର୍ବେଁ ଅନ୍ଧ    କଥା କହ ।

ବନ୍ଦୀଶାଳ    କଥା କହ ।

ଶୃଙ୍ଖଳିତ    କଥା କହ ।

ଆତଙ୍କିତ    କଥା କହ ।

www.jataayu.org

# ଇସ୍ତାହାର ଜନତାର

କବି ରଘୁନାଥ ଦାସ

ହେ ଭୟାର୍ତ୍ତ କଥା କହ ।

ପାଞ୍ଚଜନ୍ୟ କଥା କହ ।

ମୁକ୍ତକେଶୀ କଥା କହ ।

କଥା କହ କଥା କହ ।

ମୌନ୍ ମୁନି କଥା କହ ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ଡି.ଆଇ.ଆର୍ କଥା କହ ।

ମିଶା-ଆଇନ୍ କଥା କହ ।

କାରାଗାର କଥା କହ ।

ରେ ନାଚାର କଥା କହ ।

କଥା କହ । କଥା କହ ।

ଅନାଚାର କଥା କହ ।

ଦୁରଚାର କଥା କହ ।

ମିଥ୍ୟାଚାର କଥା କହ ।

ସମାଚାର କଥା କହ ।

ଅତ୍ୟାଚାର କଥା କହ ।

www.jatayu.org

# ଇସ୍ତାହାର ଜନତାର

କବି ରଘୁନାଥ ଦାସ

ଅବିଚାର　　　　କଥା କହ ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ମାନବିକ ଅଧିକାର କଥା କହ ।

ମୌଳିକ ତୋ ଅଧିକାର କଥା କହ ।

ଷଡଯନ୍ତ୍ର　　　　କଥା କହ ।

ଗଣତନ୍ତ୍ର　　　　କଥା କହ ।

ଜଣତନ୍ତ୍ର　　　　କଥା କହ ।

କଥା କହ　　　　କଥା କହ ।

ମୌନ ମୁନି　　　　କଥା କହ ।

କଥା କହ ।　　　　କଥା କହ ।

କଟା ଜିଭ　　　　କଥା କହ ।

ଲାଠିମାଡ　　　　କଥା କହ ।

ହୁକୁମବାଜି　　　　କଥା କହ ।

ଆତଙ୍କ ରାଜ　　　　କଥା କହ ।

ପୋଲିସରାଜ　　　　କଥା କହ ।

www.jataayu.org

# ଇସ୍ତାହାର ଜନତାର

କବି ରଘୁନାଥ ଦାସ

କଳାଆଇନ କଥା କହ ।

ସମ୍ବିଧାନ କଥା କହ ।

ସଂଶୋଧନ କଥା କହ ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ଜୟହିନ୍ଦ୍ କଥା କହ ।

ରାମରାଜ୍ୟ କଥା କହ ।

ଘିଅମହୁ କଥା କହ ।

ଗରିବୀ ହଟାଓ କଥା କହ ।

ଅତିଭକ୍ତି କଥା କହ ।

ଯୁବଶକ୍ତି କଥା କହ ।

ରାଜନୀତି କଥା କହ ।

ଅର୍ଥନୀତି କଥା କହ ।

ନ୍ୟାୟନୀତି କଥା କହ ।

ଭଣ୍ଡନୀତି କଥା କହ ।

www.jataayu.org

# ଇସ୍ତାହାର ଜନତାର

କବି ରଘୁନାଥ ଦାସ

| | |
|---|---|
| କଥା କହ | କଥା କହ । |
| ଚକ୍ରଧାରୀ ଅଗ୍ରଭାଗେ | କଥା କହ । |
| ଚଢ଼ାଦର | କଥା କହ । |
| ଜୁଆଚୋରି | କଥା କହ । |
| ଚାଲବାଜି | କଥା କହ । |
| ଗୁପଚୁପ୍ କାରବାର | କଥା କହ । |
| ଦରମାଲା | କଥା କହ । |
| କ୍ଷୁଧାତୁର | କଥା କହ । |
| ରେ ବେକାର । | କଥା କହ । |
| ନିର୍ବାଚନ | କଥା କହ । |
| ମୁକ୍ତିକେଶୀ | କଥା କହ । |

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ଚକ୍ରଧାରୀ ଚିତ୍ତଗତେ,

ଚାଲ ତୁ ପାର୍ଥ:ମୁକ୍ତିରଥେ

www.jataayu.org

# ଇସ୍ତାହାର ଜନତାର

କବି ରଘୁନାଥ ଦାସ

ଶଙ୍କା ଯେତେ ମନରୁ ପୋଛ,

ସତ୍ୟ ଲାଗି ଦିଅରେ ଭୋଟ

ବଞ୍ଚିବାକୁ ଦିଅରେ ଭୋଟ ॥

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

(ଚନ୍ଦନ ପଡିଆରେ କଟକ ଓକିଲ ସଂଘ ତରଫରୁ ହୋଇଥିବା ୧୯୭୭ ମସିହା ନିର୍ବାଚନ ପଠିତ)

www.jataayu.org